


# ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍

ନୋବେଲ ପ୍ରାଇଜ୍ ସିରଜ                    ଦ୍ୱିତୀୟ ଖଣ୍ଡ

# ଅଧ୍ୟାପକ ଆଇନ୍‌ଷ୍ଟାଇନ୍


ଲେଖକ

ଶ୍ରୀ ରଘୁନାଥ ମହାପାତ୍ର, ବି. ଏ.



ଓଡ଼ିଶା ଷ୍ଟୁଡେଣ୍ଟସ୍ ଷ୍ଟୋର

ପ୍ରକାଶକ

ଶ୍ରୀ ଅନନ୍ତ ମିଶ୍ର

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର : କଟକ-୨

ଚତୁର୍ଥ ସଂସ୍କରଣ
୧୯୭୩

ମୁଦ୍ରାକର
ପ୍ରସାଦ ପ୍ରେସ, କଟକ ୨

ମୂଲ୍ୟ—
ପଞ୍ଚସ୍ତରି ପଇସା

# *Baigyanika Einstein*

SRI RAGHUNATH MAHAPATRA

Publisher
Sri Anant Misra
Cuttack Students' Store
Balubazar, Cuttack-2

Printer
Sri Raghunath Prasad Misra
Prasad Press, Cuttack-2

Fourth Edition
1973

**Price**
Seventy five Price

# ଅଧ୍ୟାପକ ଆଇନ୍‌ଷ୍ଟାଇନ୍

## ପରିଚୟ

ଯୁଗ ଥିଲା, ଯେତେବେଳେ ରାଜା ମହାରାଜାମାନେ ସମାଜରେ ଉଚ୍ଚ ସ୍ଥାନ ପାଉଥିଲେ, ସମ୍ମାନ ଗୌରବ ପାଉଥିଲେ । ସେ ଯୁଗ ଏବେ ଚାଲିଗଲାଣି । ଲୋକେ ଆଉ ପଦ ପଦବୀରେ ଭୁଲୁନାହାନ୍ତି । ଏବେ ଗୁଣର ଆଦର ବେଶି ବଢ଼ିଛି । ଗୁଣି ଲୋକେ ସବୁକାଳରେ ଆଦର ପାଆନ୍ତି; କିନ୍ତୁ ପୂର୍ବକାଳରେ ରାଜାମାନେ ଅଯଥା ଆଦର ପାଉଥିଲେ । ଲୋକେ ଏବେ କାହାଠାରେ ଗୁଣ ନ ଦେଖିଲେ ଆଉ ଆଦର କରୁନାହାନ୍ତି । ଗୁଣବଳରେ ଅତି ସାଧାରଣ ଲୋକ ଉଚ୍ଚ ଆସନର ଅଧିକାରୀ ହୋଇପାରୁଛି ।

ପୃଥିବୀର ବିଭିନ୍ନ ଦେଶରେ କେତେ ବଡ଼ଲୋକ ଜନ୍ମ ହୋଇଛନ୍ତି । କିଏ ସାହିତ୍ୟରେ, କିଏ ବିଜ୍ଞାନରେ କିଏ ବା ଦର୍ଶନଶାସ୍ତ୍ରରେ ନାଁ କରିଛନ୍ତି । ପ୍ଲେଟୋ, ଏରିଷ୍ଟଟଲ, ଗାଲିଲିଓ, ନିଉଟନ, କୋପରନିକସ ପ୍ରଭୃତି ବଡ଼ ବଡ଼ ଲୋକେ ଏବେ ଖାଲି ନିଜ ନିଜ ଜନ୍ମଭୂମିରେ ନୁହଁ, ପୃଥିବୀର ସବୁ ଦେଶରେ ପୂଜା ପାଉଛନ୍ତି । ପୂର୍ବେ ବିଜ୍ଞାନ ଚର୍ଚ୍ଚା ବେଶୀ, ନ ଥିଲା । ଏବେ ଯେଉଁ ଦେଶରେ ଯେତେ ବିଜ୍ଞାନଚର୍ଚ୍ଚା ବେଶୀ, ସେ

ଦେଶ ସେତେ ଉନ୍ନତ । ତେଣୁ ବୈଜ୍ଞାନିକମାନଙ୍କର ଆଦର ସବୁଠୁଁ ବେଶୀ ।

ଆଇନ୍‌ଷ୍ଟାଇନ୍ ଜଣେ ବୈଜ୍ଞାନିକ; ତେଣୁ ସେ ଖାଲି ଜର୍ମାନି କିମ୍ବା ଆମେରିକାର ପୂଜ୍ୟ ନୁହନ୍ତି, ସମଗ୍ର ପୃଥିବୀର ପୂଜ୍ୟ । ରାଜନୀତି, ଦର୍ଶନ ପ୍ରଭୃତି ଅନେକ ବିଷୟରେ ମଧ୍ୟ ତାଙ୍କର ଜ୍ଞାନ ଅପରିସୀମ ଥିଲା । ପୃଥିବୀର ବୈଜ୍ଞାନିକମାନଙ୍କ ମଧ୍ୟରେ ସେ ଜଣେ ବଡ଼ ବିଜ୍ଞାନବିତ୍ ବୋଲି ପୃଥିବୀର ବଡ଼ ବଡ଼ ଲୋକେ ମାନନ୍ତି । ରାଜନୀତି, ସମାଜନୀତିରେ ମଧ୍ୟ ସେ ଧୁରନ୍ଧର ଥିଲେ । ଏପରି ଜଣେ ମହାପୁରୁଷଙ୍କୁ ନୋବେଲ ପ୍ରାଇଜ ମିଳିବା ବିଚିତ୍ର କଥା ନୁହେଁ । ବିଜ୍ଞାନରେ ଏକ ନୂଆ ତଥ୍ୟ ପ୍ରକାଶ କରିଥିବାରୁ ତାଙ୍କୁ ନୋବେଲ ପ୍ରାଇଜଦ୍ୱାରା ସମ୍ମାନିତ କରାଯାଇଥିଲା ।

---

## ଜନ୍ମ ଓ ଜର୍ମାନୀ

ପୃଥିବୀରେ ଅନେକ ଦେଶ ଅଛି । ସବୁ ଦେଶର ନାଁ ସମସ୍ତେ ମନେ ରଖିନ୍ତିନାହିଁ; କିନ୍ତୁ ଏ ଯୁଗରେ ବୋଧହୁଏ 'ଜର୍ମାନି' ଦେଶର ନାଁ ଯେତେ ଲୋକ ଜାଣିଥିବେ, ଅନ୍ୟ କୌଣସି ଦେଶ ପୃଥିବୀର ଜନସାଧାରଣଙ୍କ ପାଖରେ ଏତେ ପରିଚିତ ନ ଥିବ । ଜର୍ମାନି ଆଜିକାଲିର ଗୋଟିଏ ନୂଆ ଦେଶ ନୁହେଁ । ଯୁଦ୍ଧବିଗ୍ରହ ପରେ ଯେପରି କେତେ ନୂଆ ଦେଶ ହଠାତ୍ ମୁଣ୍ଡଟେକି ଉଠେ, ଜର୍ମାନି ସେପରି ନୁହେଁ । ଇଉରୋପ ମହାଦେଶର ବଡ଼ ଶକ୍ତିଶାଳୀ ଦେଶମାନଙ୍କ ନାଁ ମଧ୍ୟରେ ଜର୍ମାନିକୁ ଗଣାଯାଏ । ଇଉରୋପ ମହାଦେଶରେ ଗତ ଏବଂ ଚଳିତ ଶତାବ୍ଦୀରେ

ଯେତେ ଯୁଦ୍ଧ ହୋଇଛି, ଜର୍ମାନୀ ସବୁ ଯୁଦ୍ଧରେ ନିଜର ପ୍ରାଧାନ୍ୟ ରଖି ଆସିଛି । ଗତ ପୃଥିବୀବ୍ୟାପୀ ମହାସମରର ପ୍ରଧାନ ଅଭି-ନେତା ଥିଲେ ହର୍ ହିଟ୍‌ଲର୍ । ସେ ସେହି ଜର୍ମାନୀର ବିଶ୍ୱବିଖ୍ୟାତ ଶାସକ ଥିଲେ । ତାଙ୍କ ରାଜତ୍ୱର କିଛିକାଳ ପୂର୍ବରୁ ବିସ୍‌ମାର୍କ ବୋଲି ଜଣେ ବଡ଼ ରାଜନୀତିଜ୍ଞ ମଧ୍ୟ ଜର୍ମାନୀରେ ଥିଲେ । ଗତ ଶତାବ୍ଦୀର ଶେଷଭାଗରେ ସେ ଇଉରୋପକୁ ତାଙ୍କର ଆଙ୍ଗୁଠି ଆଗରେ ନଚାଉଥିଲେ । ଆମ ଦେଶରେ ଚାଣକ୍ୟଙ୍କ ପରି ବିସମାର୍କ ମଧ୍ୟ ଜର୍ମାନୀର ଜଣେ ପ୍ରଧାନ ରାଜନୀତିବିଶାରଦ ଥିଲେ ।

ସେହି ବିଶ୍ୱବିଶ୍ରୁତ ଜର୍ମାନୀରାଜ୍ୟରେ ବୈଜ୍ଞାନିକ ଶିରୋମଣି ଅଇନ୍‌ଷ୍ଟାଇନ୍‌ଙ୍କର ଜନ୍ମ । ସେ ଯେତେବେଳେ ଜନ୍ମ ହେଲେ, ସେତେବେଳେ ଜର୍ମାନୀ ରାଜ୍ୟର ମାନସମ୍ମାନ, ରାଜନୀତିକବିଚକ୍ଷଣତା ସମଗ୍ର ପୃଥିବୀରେ ଖ୍ୟାତି ଲାଭକରିଥିଲା । ପ୍ରିନ୍‌ସ ବିସ୍‌ମାର୍କ ସେତେବେଳେ ଜର୍ମାନୀ ରାଜ୍ୟ ରାଜାଙ୍କର ପ୍ରଧାନମନ୍ତ୍ରୀ ଥିଲେ । ରାଜା ଉଇଲିୟମ ବିସମାର୍କଙ୍କ ଉପରେ ଏକରକମ ରାଜ୍ୟଭାର ଅର୍ପଣ କରି ଦେଇଥିଲେ । ତାଙ୍କର ଚେଷ୍ଟାରେ ଜର୍ମାନୀ ଗୋଟିଏ ବଡ଼ ରାଜ୍ୟ ହୋଇପାରିଥିଲା ଓ ପୃଥିବୀରେ ସେ ରାଜ୍ୟର ସମ୍ମାନ ବଢ଼ିଥିଲା ।

ଆଇନ୍‌ଷ୍ଟାଇନ୍ ଥିଲେ ଜଣେ ଇହୁଦୀ । ଜର୍ମାନୀ ଦେଶରେ ଇହୁଦୀମାନଙ୍କର ସଂଖ୍ୟା ଅଳ୍ପ ହେଲେହେଁ ସେମାନେ ସମସ୍ତେ ଧନିଲୋକ ଥିଲେ; ତେଣୁ ବାଲ୍ୟକାଳରେ ଆଇନ୍‌ଷ୍ଟାଇନ୍‌ଙ୍କର ବିଶେଷ ଅସୁବିଧା ହୋଇ ନ ଥିଲା । ସେ ବଡ଼ ସୁଖୀ ଥିଲେ । ଯେ କୌଣସି ଲୋକ ତାଙ୍କୁ ଦେଖିଲେ ଆନନ୍ଦିତ ହେଉଥିଲେ । ସେ ପିଲାଦିନରୁ ଖେଳ କସରତ୍ କରିବାକୁ ଖୁବ୍ ଭଲପାଉଥିଲେ । ବାପା ମା ମଧ୍ୟ ପିଲାକୁ ଏ ଦିଗରେ ବିଶେଷ ଉତ୍ସାହ ଦେଉଥିଲେ । ସେ ଜର୍ମାନୀର ବାଭେରିଆ ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ ।

ସେତେବେଳେ ଜର୍ମାନୀର ମିଉନକ୍ ସହର ଖେଳ କସରତ୍ ପାଇଁ ବିଖ୍ୟାତ ହୋଇଥାଏ । ସେହି ସହରରେ ପିଲାଦିନରୁ ଖେଳାଳୀମାନଙ୍କ ସହିତ ସେ ଖେଳିବାରେ ଆନନ୍ଦ ପାଉଥିଲେ । ୧୮୯୪ ମସିହା ପର୍ଯ୍ୟନ୍ତ ସେ ଏ ଦଳରେ ଜଣେ ମୁଖିଆ ଖେଳାଳୀ ଥିଲେ ।

---

## ବାଳକ ଆଇନ୍‌ଷ୍ଟାଇନ୍

ଆଇନ୍‌ଷ୍ଟାଇନ୍ ପିଲାଦିନରୁ ସେପରି ଜଣେ ଅସାଧାରଣ ଗୁଣବାନ ନ ଥିଲେ । ସାଧାରଣ ବାଳକମାନଙ୍କ ପରି ତାଙ୍କର ପଢ଼ାପଢ଼ି, ଖେଳ କସରତ୍ ସବୁ ସାଧାରଣ ଥିଲା । ତଥାପି ତାଙ୍କଠାରେ ଗୋଟିଏ ଗୁଣ ଥିଲା, ଯାହାଫଳରେ ସେ ସମସ୍ତଙ୍କଠାରୁ ଆଦର ଲାଭ କରୁଥିଲେ । ସବୁବେଳେ କୌଣସି ନା କୌଣସି ବିଷୟ ପଢ଼ିବା ଓ ଅନେକ ଜିନିଷ ଏକାଠି କରି ସାଇତିରଖିବା ପ୍ରବୃତ୍ତି ପିଲାଦିନରୁ ତାଙ୍କଠାରେ ଥିଲା ।

କୌଣସି ଜିନିଷ ପାଇଲେ, ସେହି ଜିନିଷ ବିଷୟରେ ସେ ଅନେକ କଥା ଚିନ୍ତା କରୁଥିଲେ । ଏକୁଟିଆ ବସି ସେହି ଜିନିଷକୁ ତନ୍ନ ତନ୍ନ କରି ଦେଖୁଥିଲେ । ତାହା କିପରି ହେଲା, ତାହାର ଆରମ୍ଭ କେଉଁଠାରେ, ଶେଷ କେଉଁଠି, ଏସବୁ ବିଷୟରେ ସେ ଗମ୍ଭୀର ଚିନ୍ତା କରୁଥିଲେ । ତାଙ୍କର ପଢ଼ାପଢ଼ିବେଳେ ମଧ୍ୟ ସେ ନୀରବରେ ବସି ପଢ଼ିବାକୁ ଭଲପାଉଥିଲେ । ସାଙ୍ଗ ସାଥିମାନଙ୍କ ସଙ୍ଗରେ ସେ ଖେଳବେଳେ ଖୁବ୍ ମିଶୁଥିଲେ; କିନ୍ତୁ କୌଣସି ବିଷୟ ଚିନ୍ତାକରିବା ଦରକାର ପଡ଼ିଲେ, ସେ ନୀରବ ନିଶ୍ଚଳ ହୋଇ ବସୁଥିଲେ । ଏହି ନୀରବତା ତାଙ୍କୁ ବଡ଼ ସାହାଯ୍ୟ କରିଥିଲା ।

ସେତେବେଳେ ଜର୍ମାନୀର ମିଉନିକ୍ ସହର ଖେଳ କସରତ୍ ପାଇଁ ବିଖ୍ୟାତ ହୋଇଥାଏ । ସେହି ସହରରେ ପିଲାଦିନରୁ ଖେଳାଳୀମାନଙ୍କ ସହିତ ସେ ଖେଳିବାରେ ଆନନ୍ଦ ପାଉଥିଲେ । ୧୮୯୪ ମସିହା ପର୍ଯ୍ୟନ୍ତ ସେ ଏ ଦଳରେ ଜଣେ ମୁଖିଆ ଖେଳାଳୀ ଥିଲେ ।

———

## ବାଳକ ଆଇନ୍‌ଷ୍ଟାଇନ୍

ଆଇନ୍‌ଷ୍ଟାଇନ୍ ପିଲାଦିନରୁ ସେପରି ଜଣେ ଅସାଧାରଣ ସ୍ତ୍ରୀନ ନ ଥିଲେ । ସାଧାରଣ ବାଳକମାନଙ୍କ ପରି ତାଙ୍କର ପଢ଼ାପଢ଼ି, ଖେଳ କସରତ୍ ସବୁ ସାଧାରଣ ଥିଲା । ତଥାପି ତାଙ୍କଠାରେ ଗୋଟିଏ ଗୁଣ ଥିଲା, ଯାହାଫଳରେ ସେ ସମସ୍ତଙ୍କଠାରୁ ଆଦର ଲାଭ କରୁଥିଲେ । ସବୁବେଳେ କୌଣସି ନା କୌଣସି ବିଷୟ ପଢ଼ିବା ଓ ଅନେକ ଜିନିଷ ଏକାଠି କରି ସାଇତିରଖିବା ପ୍ରବୃତ୍ତି ପିଲାଦିନରୁ ତାଙ୍କଠାରେ ଥିଲା ।

କୌଣସି ଜିନିଷ ପାଇଲେ, ସେହି ଜିନିଷ ବିଷୟରେ ସେ ଅନେକ କଥା ଚିନ୍ତା କରୁଥିଲେ । ଏକୁଟିଆ ବସି ସେହି ଜିନିଷକୁ ତନ୍ନ ତନ୍ନ କରି ଦେଖୁଥିଲେ । ତାହା କିପରି ହେଲା, ତାହାର ଆରମ୍ଭ କେଉଁଠାରେ, ଶେଷ କେଉଁଠି, ଏସବୁ ବିଷୟରେ ସେ ଗଭୀର ଚିନ୍ତା କରୁଥିଲେ । ତାଙ୍କର ପଢ଼ାପଢ଼ିବେଳେ ମଧ୍ୟ ସେ ନୀରବରେ ବସି ପଢ଼ିବାକୁ ଭଲପାଉଥିଲେ । ସାଙ୍ଗ ସାଥିମାନଙ୍କ ସଙ୍ଗରେ ସେ ଖେଳବେଳେ ଖୁବ୍ ମିଶୁଥିଲେ; କିନ୍ତୁ କୌଣସି ବିଷୟ ଚିନ୍ତାକରିବା ଦରକାର ପଡ଼ିଲେ, ସେ ନୀରବ ନିଶ୍ଚଳ ହୋଇ ବସୁଥିଲେ । ଏହି ନୀରବତା ତାଙ୍କୁ ବଡ଼ ସାହାଯ୍ୟ କରିଥିଲା ।

ଶୈଶବ ଅବସ୍ଥାରୁ ତାଙ୍କର ବିଜ୍ଞାନ ପ୍ରତି ଅନୁରାଗ ଥିଲା । ବିଜ୍ଞାନ ଶ୍ରେଣୀରେ ବସିଲାବେଳେ ସେ ସବୁଠାରୁ ବେଶି ଆନନ୍ଦ ପାଉଥିଲେ । କେବଳ କୌଣସି ବୈଜ୍ଞାନିକ ତତ୍ତ୍ୱ ବିଷୟରେ ଆଲୋଚନା କଲାବେଳେ ସେ ମନଧ୍ୟାନ ଦେଇ ତାହା ଶୁଣୁଥିଲେ । ପିଲାଦିନରୁ ତାଙ୍କର ବିଜ୍ଞାନ ପ୍ରତି ବିଶେଷ ଆଗ୍ରହ ଥିଲା ବୋଲି ଜଣାପଡ଼ିଲା ।

କୌଣସି ଜିନିଷକୁ ନିରୀକ୍ଷଣ କରିବା ତାଙ୍କର ଗୋଟିଏ ବିଶେଷ ଗୁଣ । ଜିନିଷକୁ ନିରୀକ୍ଷଣ କଲାବେଳେ ସେ ଆଉ ସବୁକଥା ଭୁଲିଯାଉଥିଲେ । ଏପରି କି ସେତେବେଳେ ଦେହରେ କୌଣସି ସାମାନ୍ୟ ଆଘାତ ପ୍ରତି ତାଙ୍କର ନଜର ମଧ୍ୟ ରହୁ ନ ଥିଲା । ଅନେକ ସମୟରେ ସେ ତାଙ୍କ ପିଲାଦିନ କଥା କହିବାକୁ ଭାରି ଭଲପାଆନ୍ତି । ପିଲାଦିନେ ସେ ନିରୀକ୍ଷଣ କରିବାରେ ଭାରି ଆନନ୍ଦ ପାଉଥିଲେ । ଥରେ ଗୋଟିଏ ଚୁମ୍ବକସୂଚୀ ସେ ଦେଖିବାକୁ ପାଇଲେ । ସେ ସୂଚୀଟିକୁ ତନ୍ନ ତନ୍ନ କରି ଦେଖିଲେ । ସେ ତାକୁ ଯେତିକି ଦେଖୁଥାନ୍ତି, ସେତିକି ସେ ବିଷୟରେ ଆଉ କିଛି ଜାଣିବାପାଇଁ ତାଙ୍କର ଆଗ୍ରହ ବଢ଼ୁଥାଏ । ଏହି ଚୁମ୍ବକ ସୂଚୀଟିକୁ ନିରୀକ୍ଷଣ କରିବା ହେଉଛି ତାଙ୍କର ପ୍ରଥମ ବୈଜ୍ଞାନିକ ନିରୀକ୍ଷଣ ବୋଲି ସେ କହନ୍ତି ।

---

## ଛାତ୍ରାବସ୍ଥା

ଜର୍ମାନୀ ରାଜ୍ୟ ପାଖରେ ସୁଇଜରଲାଣ୍ଡ ଦେଶ । ପୃଥିବୀରେ ସୁଇଜରଲାଣ୍ଡ ପରି ଦେଶ ବିରଳ । ଇଉରୋପର ଏବଂ ପୃଥିବୀର ବିଭିନ୍ନ ମହାଦେଶର ଲୋକେ ସୁଇଜରଲାଣ୍ଡକୁ ଖାଲି ଦେଖିବା ଏବଂ ବୁଲିବା ଇଚ୍ଛାରେ ଅନେକ ସମୟରେ ଆସନ୍ତି । କର୍ମକ୍ଷେତ୍ରରୁ

ଛୁଟି ମିଳିଲେ ବିଶେଷତଃ ଇଉରୋପୀୟମାନେ ଜଳବାୟୁ ପରିବର୍ତ୍ତନ ଏବଂ ସୁନ୍ଦର ଦୃଶ୍ୟ ଉପଭୋଗ ଉଦ୍ଦେଶ୍ୟରେ ସୁଇଜରଲାଣ୍ଡ ଆସି ଥାଆନ୍ତି । ସେ ଦେଶ ଯେପରି ସ୍ୱାସ୍ଥ୍ୟକର, ସେହିପରି ମନୋରମ ତେଣୁ ଏ ଦେଶକୁ 'ଇଉରୋପର ଖେଳପଡ଼ିଆ' ବୋଲି କହନ୍ତି ।

ଜର୍ମାନୀରେ ସେ ପ୍ରାରମ୍ଭିକ ଅଧ୍ୟୟନ ସାରି ସୁଇଜରଲାଣ୍ଡ ଯିବାପାଇଁ ମନ ବଳାଇଲେ । ପିଲାଦିନରୁ ତାଙ୍କର ବିଜ୍ଞାନ ଶାସ୍ତ୍ରରେ ଆଗ୍ରହ; ତେଣୁ ବିଜ୍ଞାନଶିକ୍ଷା ଉଦ୍ଦେଶ୍ୟରେ ସେ ସୁଇଜରଲାଣ୍ଡ ଗଲେ । ସେଠାରେ ବିଜ୍ଞାନର ଅନେକ ନୂଆ କଥା ଶିକ୍ଷା ଦିଆଯାଉଥିଲା । ସେତେବେଳକୁ ତାଙ୍କର ବୟସ ମୋଟେ ସତର ବର୍ଷ । ୧୮୯୬ ମସିହାରେ ସେ ସୁଇଜରଲାଣ୍ଡର ବିଖ୍ୟାତ ପୋଲିଟେକ୍‌ନିକାଲ ବିଦ୍ୟାଳୟରେ ନାମ ଲେଖାଇଲେ । ସୁଇଜର-ଲାଣ୍ଡର 'ଜୁରିଚ' ସହରରେ ଏହି ବିଦ୍ୟାଳୟର ଖ୍ୟାତି ସେତେ-ବେଳେ ସମଗ୍ର ଇଉରୋପରେ ବେଶି ଥିଲା ।

ଆଇନଷ୍ଟାଇନଙ୍କ ସେତେବେଳେ ବୟସ ଷୋହଳବର୍ଷ, ସେତେବେଳେ ସେ ବିଜ୍ଞାନରେ ଖୁବ୍ ପାରଦର୍ଶିତା ଦେଖାଇଥିଲେ । ସେ କେତେଗୁଡ଼ିଏ ନୂଆ ତଥ୍ୟ ସେତେବେଳେ ବାହାର କରିପାରି ଥିଲେ । ସେଥିପାଇଁ ତାଙ୍କର ନାଁ ଛାତ୍ର ଓ ଶିକ୍ଷକ ମହଲରେ ଖୁବ ବଢ଼ିଯାଇଥିଲା । ଜୁରିଚ୍‌ର ସେହି ସ୍କୁଲରେ ସେ ୧୮୯୬ ମସିହାଠାରୁ ୧୯୦୧ ମସିହା ପର୍ଯ୍ୟନ୍ତ ପଢ଼ିଥିଲେ । ସେଠାରେ ପଢ଼ିଲାବେଳେ ତାଙ୍କର ବିଜ୍ଞାନ ଦିଗରେ ପ୍ରତିଭା ଜଣା ପଡ଼ି ଯାଇଥିଲା । ୧୯୦୧ ମସିହାରେ ସେ ସ୍କୁଲରୁ ସୁନାମ ସହିତ ବି. ଏ. ପାଶ କଲେ । ଏହି ସ୍କୁଲରେ ହିଁ ତାଙ୍କର ପଢ଼ା ଶେଷ ହେଲା

ଆଇନଷ୍ଟାଇନ ପିଲାଦିନରୁ ମନରେ ଯେଉଁ ସବୁ କଥା ଚିନ୍ତା କରୁଥିଲେ, ଏବେ ପାଠପଢ଼ା ଶେଷହେବା ପରେ ସବୁ-

ବେଳେ ସେହି କାମରେ ଲାଗିପଡ଼ିଲେ । ପନ୍ଦର ଷୋଳବର୍ଷ ବୟସ ବେଳେ ସେ ଗୋଟିଏ କଥା ବିଶେଷ ରୂପେ ଚିନ୍ତା କରୁଥିଲେ । 'ଜଣେ ଲୋକ ଗୋଟିଏ ଆଲୋକ ସମ୍ପାତକୁ ଧରିବାକୁ ଚେଷ୍ଟା କଲେ, ତାର କଣ ହେବ ?' ଏ ବିଷୟରେ ଚିନ୍ତା କରିବାରେ ସେ ଦିନରାତି ଲାଗିଯାଉଥିଲେ, କିନ୍ତୁ କୌଣସି ନିଷ୍ପତ୍ତିରେ ପହଞ୍ଚି ପାରୁ ନ ଥିଲେ । ସାଧାରଣ ଲୋକଙ୍କ ମନକୁ ଏପରି ପ୍ରଶ୍ନ ବା ଆସିବ କାହିଁକି । ଏପରି ଏକ ପ୍ରଶ୍ନ ସାଧାରଣ ପ୍ରଶ୍ନ ତ ନୁହେଁ । ଏ ପ୍ରଶ୍ନର ସମାଧାନରେ ଆଇନଷ୍ଟାଇନଙ୍କର ଜୀବନର ମଧୁମୟ ଦିନଗୁଡ଼ିକ ଅତିବାହିତ ହୋଇଯାଇଛି । ଏହି ଗବେଷଣା କାର୍ଯ୍ୟକୁ ସେ ମଧୁମୟ ଯୌବନର ସୁଖ ସମ୍ଭୋଗବୋଲି ମନେ କରି ଆସିଛନ୍ତି, ତେଣୁ ଏ ଗବେଷଣା କାର୍ଯ୍ୟରେ ତାଙ୍କର ଛାତ୍ରାବସ୍ଥାରୁ ସେ ଲାଗିପଡ଼ିଥିଲେ । କ୍ରମେ ବୟସ ଯେପରି ବଢ଼ିଲା, ଜ୍ଞାନ ସେପରି ପରିପକ୍ୱ ହେଲା । ତାଙ୍କର ଜ୍ଞାନ, ବୁଦ୍ଧି, ଅନୁଭୂତି ସମସ୍ତ ଏକମୁଖୀ ହୋଇ ଲାଗିପଡ଼ିଲେ ବୈଜ୍ଞାନିକ ତତ୍ତ୍ୱ ଗବେଷଣାରେ ।

---

## କର୍ମ ଜୀବନର ଆରମ୍ଭ

ଆଲବର୍ଟ ଆଇନଷ୍ଟାଇନ କଲେଜରୁ ଉପାଧି ଲାଭକଲେ । ବିଜ୍ଞାନ ସମ୍ବନ୍ଧରେ ଅନେକ ତଥ୍ୟ କଲେଜରୁ ପଢ଼ିଥିଲେ । ହଜାର ହଜାର ଛାତ୍ର କଲେଜରୁ ଉପାଧି ଲାଭ କରନ୍ତି; କିନ୍ତୁ ସମସ୍ତେ ଏକାପରି ନୁହନ୍ତି । ଆଇନଷ୍ଟାଇନ କଲେଜରୁ ପାଶ୍ କରିବାପରେ ତାଙ୍କର ବିଜ୍ଞାନ ଚର୍ଚ୍ଚାର କ୍ଷେତ୍ର ଆହୁରି ବଢ଼ିଗଲା ।

୧୯୦୧ ଖ୍ରୀଷ୍ଟାବ୍ଦରେ ସେ ବି. ଏ. ପାଶ୍ କଲେ । ତାଙ୍କ ସ୍ୱାସ୍ଥ୍ୟପକ୍ଷେ ସୁଇଜରଲଣ୍ଡର ଜଳବାୟୁ ଅନୁକୂଳ ଥିଲା । ପୁଣି

ସୁଇଜରଲାଣ୍ଡ ଦେଶ ତାଙ୍କର ଅତି ପ୍ରିୟ ହୋଇପଡ଼ିଥିଲା । ସେ ଦେଶ ଛାଡ଼ିଯିବାକୁ ସେ ରାଜି ହେଲେନାହିଁ । ସେଇଠାରେ ରହି ବିଜ୍ଞାନଚର୍ଚ୍ଚା କରିବାପାଇଁ ଆଶା ପୋଷଣ କରିଥିଲେ । ଭାଗ୍ୟକୁ ସେହିଠାରେ ତାଙ୍କୁ ଏକ ଚାକିରି ମିଳିଗଲା । ବର୍ଣ୍ଣ୍ ସହରରେ ଗୋଟିଏ ଅଫିସରେ କିରାଣୀ କାର୍ଯ୍ୟ କରିବାପାଇଁ ସେ ନିଯୁକ୍ତିପତ୍ର ପାଇଲେ ଓ ତାହାକୁ ଗ୍ରହଣ କରିନେଲେ । ବର୍ଣ୍ଣ ସହରରେ ପ୍ୟାଟେଣ୍ଟ ଅଫିସରେ ସେ ଚାକିରି ଜୀବନ ଆରମ୍ଭ କଲେ ।

ଉପରିସ୍ଥ କର୍ମଚାରୀମାନେ ତାଙ୍କ ଉପରେ ବିଶେଷ ସନ୍ତୁଷ୍ଟ ଥିଲେ । ବୈଜ୍ଞାନିକ ଚିନ୍ତାକ୍ଷେତ୍ରରେ ସେ ଯେପରି କୌଣସି ପ୍ରକାର ଅସୁବିଧା ଭୋଗ ନ କରନ୍ତି, ସେଥିପାଇଁ ମଧ୍ୟ ଉପରିସ୍ଥ କର୍ମଚାରୀମାନେ ତାଙ୍କୁ ସ୍ୱାଧୀନତା ଦେଇଥିଲେ । କୌଣସି ଲୋକ-ଠାରେ କୌଣସି ବିଶେଷ ଗୁଣ ଥିଲେ, ତାହାର ଉପଯୁକ୍ତ ବିକାଶ ନିମନ୍ତେ ଉପଯୁକ୍ତ କ୍ଷେତ୍ର ଦରକାର । ସାଂସାରିକ ଚିନ୍ତା ସବୁ ଉଚ୍ଚ ଭାବନାକୁ ନଷ୍ଟ କରି ପକାଏ । ସ୍ୱାଧୀନ ଦେଶମାନଙ୍କରେ ଏଥିପାଇଁ ବିଶେଷ ଦୃଷ୍ଟି ଦିଆଯାଇଥାଏ । ଆଇନଷ୍ଟାଇନ କର୍ମକର୍ତ୍ତାମାନଙ୍କ ଦ୍ୱାରା ସବୁବେଳେ ଉତ୍ସାହିତ ହେଉଥିଲେ । ବୈଜ୍ଞାନିକ ଚିନ୍ତାରେ ସେଥିପାଇଁ ସବୁବେଳେ ସେ ମନୋନିବେଶ କରିପାରୁଥିଲେ ।

ଏ ସମସ୍ତ ସୁବିଧା ସତ୍ତ୍ୱେ ସେ ଏ କିରାଣୀ ଚାକିରିକୁ ପସନ୍ଦ କଲେନାହିଁ । ସମସ୍ତ ସମୟ ବୈଜ୍ଞାନିକ ତଥ୍ୟ ଗବେଷଣାରେ ବ୍ୟୟକରିବାପାଇଁ ସେ ଚାକିରିରୁ ଇସ୍ତଫା ଦେଲେ । ଜଣେ ଭଲ କିରାଣୀ ହେବାପାଇଁ ତାଙ୍କ ଜୀବନର ଉଦ୍ଦେଶ୍ୟ ନ ଥିଲା । ବିଜ୍ଞାନର ନୂତନ ନୂତନ ତଥ୍ୟ ଗବେଷଣାକରି ସତ୍ୟର ଅନୁସନ୍ଧାନରେ ବ୍ରତୀହେବା ତାଙ୍କର ପରମ ଲକ୍ଷ୍ୟ ଥିଲା । ସେ ଚାକିରିରୁ ଇସ୍ତଫାଦେବାକୁ ବିଚାରିବାବେଳେ ଉପରିସ୍ଥ

କର୍ମକର୍ତ୍ତାମାନେ ତାଙ୍କୁ ଅଫିସକାର୍ଯ୍ୟରୁ ସମସ୍ତ ସ୍ୱାଧୀନତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଲେହେଁ ସେ କାର୍ଯ୍ୟରୁ ଇସ୍ତଫା ଦେଲେ ।

ଏହି ସମୟରେ ତାଙ୍କର ବିବାହ ହୋଇଥିଲା । ବିବାହ-ପରେ ଆଇନଷ୍ଟାଇନ ସେହି ବର୍ଣ୍ଣ୍ ସହରରେ ରହି ବିଜ୍ଞାନ ଆଲୋଚନାରେ ଲାଗିପଡ଼ିଲେ ।

---

## ସାପେକ୍ଷତାର ସିଦ୍ଧାନ୍ତ

୧୯୦୧ ମସିହାଠାରୁ ୧୯୦୫ ମସିହା ପର୍ଯ୍ୟନ୍ତ ଆଇନଷ୍ଟାଇନ ବର୍ଣ୍ଣ୍ ସହରରେ ଅବସ୍ଥାନ କରୁଥିଲେ । ସେହିଠାରେ ଏହି ୫ ବର୍ଷ ଭିତରେ ଯେଉଁ ଗବେଷଣା କରିଥିଲେ, ସେ ଗବେଷଣାର ଫଳ ଯୁଗ ଯୁଗ ଧରି ମାନବସମାଜକୁ ନୂତନ ପଥ ଦେଖାଇବାରେ ସାହାଯ୍ୟ କରୁଥିବ । 'ଥିଓରି ଅଫ୍ ରିଲେଟିଭିଟି' ବା ସାପେକ୍ଷ-ତାର ସିଦ୍ଧାନ୍ତ' ବୋଲି ସେ ଏକ ନୂତନ ତଥ୍ୟ ପ୍ରକାଶ କଲେ । ସେ ତଥ୍ୟ ସେତେବେଳେ ସମଗ୍ର ପୃଥିବୀର ବୈଜ୍ଞାନିକମାନଙ୍କୁ ଚମତ୍କୃତ କରିଦେଇଥିଲା । ସେତେବେଳକୁ ଆଇନଷ୍ଟାଇନଙ୍କ ବୟସ ମୋଟେ ୨୬ ବର୍ଷ । ଏ ଗଭୀର ତତ୍ତ୍ୱର ସିଦ୍ଧାନ୍ତ ଫଳରେ ସମଗ୍ର ପୃଥ୍ୱୀ ତାଙ୍କ ଆଡ଼କୁ ଚାହିଁ ରହିଲା ।

ଏହି ସିଦ୍ଧାନ୍ତ କଥା ଆଇନଷ୍ଟାଇନଙ୍କର ଜଣେ ପ୍ରଧାନ ଶିଷ୍ୟ ଗୋଟିଏ ଉଦାହରଣଦ୍ୱାରା ବୁଝାଇଛନ୍ତି—

ଗାଡ଼ି ରେଲରାସ୍ତା ଉପରେ ଚାଲିଛି । ଗାଡ଼ି ପାଖ ଆଖରେ ପୃଥିବୀର କେତେ ଗଛ, କେତେ ପ୍ରାନ୍ତର, ଶସ୍ୟକ୍ଷେତ ସ୍ଥିରହୋଇ ରହିଛନ୍ତି । ଗାଡ଼ି ଚାଲୁଥିଲାବେଳେ ଗାଡ଼ି ଗୋଟିଏ ଜିନିଷ ଏବଂ ପୃଥିବୀର ଅନ୍ୟାନ୍ୟ ସମସ୍ତ ପଦାର୍ଥ ଆଉ ଗୋଟିଏ ଜିନିଷ,

ଏହି ଦୁଇ ଜଗତର ପରସ୍ପର ସଂପର୍କ ଅଛି, ଗାଡ଼ିରେ ବସିଥିବା ଲୋକେ ଏବଂ ପୃଥିବୀ ଉପରେ ଥିବା ଲୋକେ ଏ ଦୁଇଟି ଜଗତକୁ ଉତ୍ତମରୂପେ ଲକ୍ଷ୍ୟ କରିପାରିବେ । ଗାଡ଼ି ସହିତ ପୃଥିବୀର ଅନ୍ୟାନ୍ୟ ବସ୍ତୁ ଓ ପୃଥିବୀର ଅନ୍ୟାନ୍ୟ ବସ୍ତୁ ସହିତ ଗାଡ଼ିର ଯେଉଁ ସଂପର୍କ ଅଛି, ଏହି ପ୍ରଣାଳୀକୁ ସାପେକ୍ଷତା ବୋଲି କୁହାଯାଏ ।

ଏହି ସିଦ୍ଧାନ୍ତ ମଧ୍ୟ କେହି କେହି ଅନ୍ୟ ପ୍ରକାରେ ବୁଝନ୍ତି । ଗୋଟିଏ ଘଡ଼ିରେ ଘଣ୍ଟା କଣ୍ଟାଟି ଗୋଟିଏ ଘରୁ ଅନ୍ୟ ଘରକୁ ଆସିବା ପର୍ଯ୍ୟନ୍ତ ଘଣ୍ଟାଏ ସମୟ ବୋଲି ବୁଝାଏ । ଘଣ୍ଟାଏ ସମୟର ଧାରଣା ଏ ଘଡ଼ିଯୋଗୁଁ ହୁଏ; କିନ୍ତୁ କୌଣସି ବନ୍ଧୁଙ୍କ ସହିତ କଥାବାର୍ତ୍ତା କଲାବେଳେ ଘଡ଼ି ଆଡ଼କୁ ଦୃଷ୍ଟି ନ ଦେଲେ, ଘଣ୍ଟାଏ ସମୟରୁ ବେଶି ଗଲେ ମଧ୍ୟ ତାହା ଜଣା ପଡ଼େନାହିଁ । ଅଳ୍ପ ସମୟ ପରି ଜଣାପଡ଼େ; କିନ୍ତୁ ସମୟ ତ ମନଦ୍ୱାରା ନିରୂପଣ କରାଯାଏନାହିଁ । ତେବେ ମନ ଓ ସମୟର ଯେଉଁ ସଂପର୍କ ତାହା ହିଁ 'ସାପେକ୍ଷିକତା ନିୟମ' ବୋଲି କୁହାଯାଏ ।

ଏହି ସାପେକ୍ଷିକତାର ସିଦ୍ଧାନ୍ତ ବିଷୟରେ ଆଇନଷ୍ଟାଇନ ତାଙ୍କର ସମସ୍ତ ସମୟ ବିନିଯୋଗ କରିଥିଲେ । ୧୯୦୫ ଖ୍ରୀଷ୍ଟାବ୍ଦରେ ସେ ଏହାକୁ ପ୍ରଚାର କଲେ । ଏ ସିଦ୍ଧାନ୍ତ ହିଁ ପ୍ରଥମେ ଆଇନଷ୍ଟାଇନଙ୍କୁ ସମଗ୍ର ବିଶ୍ୱରେ ପରିଚିତ କରାଇ ଦେଇଥିଲା । ବର୍ଣ୍ଣ ସହରରେ ସେ ନୀରବ ନିଶ୍ଚଳ ଭାବରେ ଯେ ସାଧନା କରୁଥିଲେ, ସେ ସାଧନାରେ ସିଦ୍ଧି ଲାଭକଲେ । ଏକାକୀ ରହିଲେ ଓ ମନ ଏକାଗ୍ରହେଲେ ନାନା ସାରତତ୍ତ୍ୱ ଗବେଷଣା କରିବା ପାଇଁ ପ୍ରକୃଷ୍ଟ ସମୟ ମିଳେ । ସୁଇଜରଲଣ୍ଡର ରାଜଧାନୀ ଅତି ଗହଳ ଚହଳ ହେଲେ ମଧ୍ୟ ସେଠାରେ ସେ ନୀରବତାର ଉତ୍ତମ କ୍ଷେତ୍ର ପାଇଥିଲେ ।

ଇଥର ବାୟୁମଣ୍ଡଳରେ ବଜୁଳି ଶକ୍ତି ସ୍ଥାନାନ୍ତରିତ ହୁଏ । ଏହି ଶକ୍ତିର ଗବେଷଣା କରୁ କରୁ, ସେ ଆଉ ଗୋଟିଏ ନୂତନ ତଥ୍ୟ ପାଇଲେ । ସେ ନୂତନ ତଥ୍ୟ ହିଁ ଏହି ସାପେକ୍ଷତାର ସିଦ୍ଧାନ୍ତ ନାମରେ ପରିଚିତ ହେଲା ।

---

## ଅଧ୍ୟାପକ ଆଇନଷ୍ଟାଇନ୍

ସମଗ୍ର ପୃଥିବୀରେ ଆଇନଷ୍ଟାଇନ୍‌ଙ୍କ ଖ୍ୟାତି ବୈଜ୍ଞାନିକ ଭାବରେ ପ୍ରଚାରିତ ହେଲା । ବର୍ଣ୍ଣ୍ ସହର ଓ ସୁଇଜରଲାଣ୍ଡ ତାଙ୍କ ପାଇଁ ବେଶି ଗର୍ବ ଅନୁଭବ କଲା । ସେତେବେଳକୁ ଆଇନଷ୍ଟାଇନ ସୁଇଜରଲାଣ୍ଡର ଜଣେ ନାଗରିକଭାବରେ ବିବେଚିତ ହେଉଥିଲେ । ସୁଇଜରଲାଣ୍ଡ ଆଇନଷ୍ଟାଇନଙ୍କର ଯଶ ଗାଇବାକୁ ଲାଗିଲା । ସେପରି ଜଣେ ମନୀଷୀଙ୍କୁ ନିଜ ଦେଶରେ ରଖିବାପାଇଁ କେଉଁ ଦେଶ ଲୋକଙ୍କର ବା ଇଚ୍ଛା ନ ହେବ ?

ଯେଉଁ ବର୍ଣ୍ଣ୍ ସହରରେ ସେ ଛାତ୍ର ଥିଲେ, ସେଇଠି ପୁଣି ହେଲେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ । 'ବର୍ଣ୍ଣ୍' ବିଶ୍ୱବିଦ୍ୟାଳୟ ଇଉରୋପର ପ୍ରଧାନ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରୁ ଗୋଟିଏ । ବିଭିନ୍ନ ଦେଶରୁ ଏପରି କି ଇଉରୋପ ମହାଦେଶର ବାହାରୁ ମଧ୍ୟ ଅନେକ ଛାତ୍ର ବର୍ଣ୍ଣ୍ ବିଦ୍ୟାଳୟରେ ପଢ଼ିବାପାଇଁ ଆସନ୍ତି । ସେହି ବିଶ୍ୱବିଦ୍ୟାଳୟରେ ଆଇନଷ୍ଟାଇନ୍ ଅଧ୍ୟାପକ ନିଯୁକ୍ତ ହେଲେ ।

ସେହି ବର୍ଷ ବିଜ୍ଞାନରେ ପାରଦର୍ଶିତା ଓ ନୂତନ ତଥ୍ୟର ପ୍ରକାଶ ଦେଖି ତାଙ୍କୁ ଡକ୍ଟର ଉପାଧି ମିଳିଥାଏ । ଏତେ ଅଳ୍ପ ବୟସରେ ଡକ୍ଟର ଉପାଧି ପାଇବା କେବଳ ଜଣେ ଜଣେ ମନୀଷୀଙ୍କ ପକ୍ଷରେ ସହଜ ହୋଇପାରେ । ବିଭିନ୍ନ ବିଶ୍ୱ-

ଶ୍ୱବଦ୍ୟାଳୟ ତାଙ୍କୁ ସମ୍ମାନ ଦେଖାଇବା ପାଇଁ ନାନା ସ୍ଥାନରୁ ଡକାଇ ପଠାଇଲେ । ତାଙ୍କର ଖ୍ୟାତି ବେଳକୁବେଳ ବଢ଼ିଲା ।

ବର୍ଣ୍ଣ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକତ୍ୱ କରିବା ସମୟଠାରୁ ସେ ପ୍ରଫେସର ଆଇନଷ୍ଟାଇନ୍ ବୋଲି ସୁପରିଚିତ ହେଲେ । ସେ ଯେଉଁଠାରେ ଶିକ୍ଷାଦାନ କାର୍ଯ୍ୟରେ ନିଯୁକ୍ତ ହେଲେ, ସେଠାରେ ଶତ ଶତ ଛାତ୍ର ଆସି ଜମାହେଲେ । ସେ ବିଶ୍ୱବିଦ୍ୟାଳୟର ମଧ୍ୟ ନାମ ଓ ମାନ ବଢ଼ିଲା । ଅନେକ ବିଶ୍ୱ-ବିଦ୍ୟାଳୟର କର୍ମକର୍ତ୍ତାମାନେ ତାଙ୍କୁ ସମ୍ମାନ ଦେଖାଇଲେ ।

ବର୍ଣ୍ଣ ବିଶ୍ୱବିଦ୍ୟାଳୟରେ କେତେକ ବର୍ଷ ଅଧ୍ୟାପକତ୍ୱ କରିବା ପରେ ଆଇନଷ୍ଟାଇନଙ୍କୁ ପ୍ରେଗ ବିଶ୍ୱବିଦ୍ୟାଳୟରୁ ଡାକରା ଆସିଲା । ପ୍ରେଗ ବିଶ୍ୱବିଦ୍ୟାଳୟର ଉଚ୍ଚପଦସ୍ଥ କର୍ମକର୍ତ୍ତାମାନଙ୍କ ଅନୁରୋଧରେ ଆଇନଷ୍ଟାଇନ୍ ପ୍ରେଗକୁ ଗଲେ । ସେଠାରେ ତାଙ୍କର ବେଶ ସମ୍ମାନ ବଢ଼ିଲା । ସେତେବେଳକୁ ୧୯୧୦ ମସିହା । ସେଠାରେ ସେ ଦୁଇବର୍ଷ କଟାଇଲେ । ତାଙ୍କର ବିଜ୍ଞାନ ଅଧ୍ୟା-ପନାରେ ଛାତ୍ରମହଲ ଅତିଶୟ ସନ୍ତୁଷ୍ଟ ଥିଲେ । ଏ ଅଧ୍ୟାପନା ସଙ୍ଗେ ସଙ୍ଗେ ସେ ନିଜର ବିଜ୍ଞାନ ଅନୁଶୀଳନ କାର୍ଯ୍ୟରେ ସବୁବେଳେ ଲାଗି ରହୁଥିଲେ ।

୧୯୧୨ ମସିହାରେ ଜୁରିଚ୍ ପୋଲିଟେକ୍ନିକାଲ ସ୍କୁଲରେ ପ୍ରଫେସର ହୋଇ ସେ ସେଠାରୁ ଜୁରିଚ ଗଲେ । ଜୁରିଚରେ ସେ ବେଶିଦିନ କଟାଇ ନାହାନ୍ତି, ତାଙ୍କୁ ଜର୍ମାନୀ ରାଜଧାନୀ ବର୍ଲିନରୁ ଡାକରା ଆସିଲା । ବର୍ଲିନରେ ତାଙ୍କୁ ଅନେକ ଲୋକ ସ୍ୱାଗତ ଜଣାଇଲେ । ତାଙ୍କର ବିଜ୍ଞାନ ଚର୍ଚ୍ଚା ଦେଖି ଜର୍ମାନୀର ବୈଜ୍ଞାନିକ-ମାନେ ବିସ୍ମିତ ହେଲେ । ୧୯୧୩ ମସିହାରେ ବର୍ଲିନରେ ପ୍ରତିଷ୍ଠିତ ପ୍ରସିଦ୍ଧ ଏକାଡେମୀ ପରିଷଦର ସେ ଜଣେ ପ୍ରମୁଖ ସଭ୍ୟ-ଭାବରେ ବର୍ଲିନରେ ଅବସ୍ଥାନ କରିବାକୁ ଲାଗିଲେ ।

———

# ଅପୂର୍ବ ବିଜ୍ଞାନ

ପୂର୍ବକାଳରେ ବିଜ୍ଞାନ ଉନ୍ନତି କରିପାରି ନ ଥିଲା । ଆଜିକାଲି ବିଜ୍ଞାନବଳରେ ଅନେକ କଥା ହୋଇପାରୁଛି । ଏତେ କଥା ହାତରେ କରିପାରିବ ବୋଲି, ମଣିଷ ପ୍ରଥମେ ବିଚାରି ନ ଥିଲା । ଆମେ ରାବଣର ପୁଷ୍ପକ ବିମାନ କଥା ପୁରାଣରେ ପଢ଼ିଲେ । ମନ୍ତ୍ରବଳରେ କେତେ ଶର ଗୋଟିଏ ସ୍ଥାନରୁ ଅନେକ ଦୂର ସ୍ଥାନକୁ ଚାଲିଯାଇ ପାରୁଥିଲା ବୋଲି ପୁରାଣରୁ ପଢ଼ି ପିଲାଦିନରେ ଆଶ୍ଚର୍ଯ୍ୟ ହେଉଥିଲୁଁ; କିନ୍ତୁ ସେହିପରି କେତେ କଥା ବିନା ମନ୍ତ୍ରରେ ମଧ୍ୟ ଆଜି କାଲି ସମ୍ଭବ ହୋଇପାରୁଛି । ସେତେବେଳେ ଲୋକେ ଏସବୁ କଥା କରିପାରୁଥିଲେ ବୋଲି ଶୁଣିଲେ ଆମେ ଆଜିକାଲି ତାହା ଗଳ୍ପ ବୋଲି ମନେ କରୁଛେ । କିନ୍ତୁ ବିଜ୍ଞାନ ଗଳ୍ପ ନୁହେଁ, ଏହା ଚିରସତ୍ୟ ଉପରେ ପ୍ରତିଷ୍ଠିତ । ବିଜ୍ଞାନର ସବୁ କାର୍ଯ୍ୟ ଆମେ ଆଖି ଆଗରେ ଦେଖୁଛେ ।

ଆଇନଷ୍ଟାଇନ୍ ଖଣ୍ଡିଏ ବହି ଲେଖିଥିଲେ । ଏହି 'ସାପେକ୍ଷତାର ସିଦ୍ଧାନ୍ତ' ବିଷୟଟି ସେଥିରେ ସେ ପରିଷ୍କାରଭାବରେ ବୁଝାଇଥିଲେ । ସେ ଏଡ଼େ ସୁନ୍ଦର ଭାବରେ ସେ କଥାଗୁଡ଼ିକ ବୁଝାଇଥିଲେ ଯେ ଲୋକେ ତାହା ଆଗ୍ରହରେ ପଢ଼ିବାକୁ ଲାଗିଲେ । ଗଳ୍ପ ପରି ସେ ବହି ସମସ୍ତଙ୍କୁ ଆନନ୍ଦ ଦେଲା; କିନ୍ତୁ ସେ ବହିର ସିଦ୍ଧାନ୍ତଗୁଡ଼ିକ ଗଳ୍ପ ନୁହେଁ, ଯାହା ଭୌତିକ ଗଳ୍ପପରି ଜଣାପଡ଼ୁଥିଲା, ସେ ତାକୁ ସୁନ୍ଦର ଭାବରେ ପ୍ରମାଣବଳରେ ସତ୍ୟ କରି ଥୋଇ ଦେଉଥିଲେ ।

ବୈଜ୍ଞାନିକ ଯେତେବେଳେ ପରୀକ୍ଷା ଦ୍ୱାରା ବୈଜ୍ଞାନିକ ସତ୍ୟକୁ ଆମରି ଆଗରେ ସିଦ୍ଧାନ୍ତ କରିଦିଏ, ଆମ ମନରେ ସ୍ୱତଃ ଆନନ୍ଦ

ଆସେ । ଜଣେ ବଡ଼ ବୈଜ୍ଞାନିକ ଥରେ କହିଥିଲେ, "ସବୁଠାରୁ ଆଶ୍ଚର୍ଯ୍ୟ ଘଟଣା ହେଉଛି ଯେ, ଆଶ୍ଚର୍ଯ୍ୟଜନକ ଘଟଣା ଘଟେ ନାହିଁ ।" ସେଥିପାଇଁ ଯେତେବେଳେ କୌଣସି ଆଶ୍ଚର୍ଯ୍ୟ ଘଟଣା ଘଟେ, ତାହା ଆମକୁ ବେଶି ଆନନ୍ଦ ଦିଏ । ବିଜ୍ଞାନଦ୍ୱାରା ଯେତେ ଗୁଡ଼ିଏ ତଥ୍ୟ ପ୍ରକାଶ ପାଇଛି, ସେଗୁଡ଼ିକ ଦେଖିଲାବେଳେ ଆଜି କାଲି ହୁଏତ ଆମକୁ ବେଶି ଆନନ୍ଦ ମିଳୁନାହିଁ; କିନ୍ତୁ ସେ ଗୁଡ଼ିକର ଆବିଷ୍କାରବେଳେ ତାହା ଅତି ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ଲୋକେ ମନେ କରୁଥିଲେ ।

ଆଇନଷ୍ଟାଇନଙ୍କର ଏହି ନୂତନ ତଥ୍ୟ କ୍ରମେ ପୃଥିବୀର ବିଭିନ୍ନ ଅଞ୍ଚଳରେ ପ୍ରଚାରିତ ହେଲା । ସାଧାରଣ ଲୋକେ କୌଣସି ନୂତନ ତଥ୍ୟକୁ ହଠାତ୍ ବୁଝିବା ସହଜ କଥା ନୁହେଁ । ତଥାପି ଆଇନଷ୍ଟାଇନ ଅତି ସହଜ ଓ ସରଳ ଭାବରେ ଆବିଷ୍କୃତ ତଥ୍ୟକୁ ତାଙ୍କ ବହିରେ ବୁଝାଇବାକୁ ଚେଷ୍ଟା କରିଥିଲେ । ବୈଜ୍ଞାନିକମାନଙ୍କ ମହଲରେ ଏହା ଏକ ଆନ୍ଦୋଳନ ସୃଷ୍ଟି କରିଥିଲା । ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ବୈଜ୍ଞାନିକମାନେ ପରୀକ୍ଷାଗାରରେ ଏ ନୂତନ ତଥ୍ୟର ଗବେଷଣା କାର୍ଯ୍ୟ ଚଳାଇଥିଲେ ।

ବଡ଼ ବଡ଼ ବୈଜ୍ଞାନିକ ପୃଥିବୀରେ ଅନେକ ଅଛନ୍ତି । ଭିନ୍ନ ଭିନ୍ନ କ୍ଷେତ୍ରରେ ଅନେକ ମନୀଷୀ ବହୁଦୂର ଅଗ୍ରସର ହୋଇଅଛନ୍ତି । କିନ୍ତୁ ମନୀଷୀ ଆଇନଷ୍ଟାଇନ୍ ଯେଉଁ ତଥ୍ୟ ପ୍ରକାଶ କରିଥିଲେ, ତାହା ବୁଝିବାପାଇଁ ସେତେବେଳେ ମୋଟେ ବାରଜଣ ବୈଜ୍ଞାନିକ ସକ୍ଷମ ହୋଇ ପାରିଥିଲେ । ତାଙ୍କର ସହାୟତା ନ ପାଇଲେ ଏ ବିଷମ ତଥ୍ୟ ବୁଝିବା କଷ୍ଟକର ବୋଲି ବୈଜ୍ଞାନିକମାନଙ୍କ ଧାରଣା ଥିଲା । ସାଧାରଣ ସାପେକ୍ଷତା ( General Relativity ) ସମ୍ବନ୍ଧରେ ଗବେଷଣା ତାଙ୍କର ୧୯୧୬ ମସିହାରେ ସରିଲା; କିନ୍ତୁ ଏ ତଥ୍ୟ ବୁଝିବାକୁ ବୈଜ୍ଞାନିକମାନଙ୍କୁ ଆହୁରି କେତେ ବର୍ଷ ଲାଗିଗଲା ।

———

# ଦେଶ ପରିଭ୍ରମଣ

ପ୍ରଥମ ମହାଯୁଦ୍ଧବେଳେ ଆଇନଷ୍ଟାଇନ୍ ଜର୍ମାନୀରେ ରହି ଗବେଷଣା କାର୍ଯ୍ୟରେ ଲାଗିରହିଥିଲେ । ୧୯୧୩ ମସିହାରେ ପ୍ରସିୟାନ ଏକାଡେମିର ସେ ସଭ୍ୟ ହେଲେ । ତାହା ଏକ ବୈଜ୍ଞାନିକ ପରିଷଦ । ସେହି ପରିଷଦରେ ଜର୍ମାନୀର ବଡ଼ ବଡ଼ ବୈଜ୍ଞାନିକମାନେ ସଭ୍ୟ ଥିଲେ । ପ୍ରଥମ ମହାଯୁଦ୍ଧବେଳେ ଜର୍ମାନୀ ବିଜ୍ଞାନର ଏକ ପ୍ରଧାନ କ୍ଷେତ୍ର ଥିଲା । ସରକାରଙ୍କ ସହାୟତାରେ ସେଠାରେ ବୈଜ୍ଞାନିକମାନେ ଅନେକ ତଥ୍ୟ ଗବେଷଣା କରିବାର ସୁବିଧା ପାଇଥିଲେ । ସେ ପରିଷଦରେ ଆଇନଷ୍ଟାଇନ୍ ସତର ବର୍ଷକାଳ ଜଣେ ବିଶିଷ୍ଟ ସଭ୍ୟ ଭାବରେ ରହିଥିଲେ ।

୧୯୧୪ ମସିହାରେ ପ୍ରଥମ ମହାଯୁଦ୍ଧ ଆରମ୍ଭ ହେଲା । ସେତେବେଳେ ଜର୍ମାନୀର କେତେକ ବୈଜ୍ଞାନିକ ଏହି ଯୁଦ୍ଧ ସମ୍ପର୍କରେ କେତେକ ସ୍ୱାକ୍ଷର ସଂଗ୍ରହ କରୁଥିଲେ । ସେମାନେ ଆଇନଷ୍ଟାଇନ୍‌ଙ୍କ ପାଖକୁ ସେ ପତ୍ରରେ ସ୍ୱାକ୍ଷର ନେବାପାଇଁ ଆସିଥିଲେ; କିନ୍ତୁ ଆଇନଷ୍ଟାଇନ୍ ସେଥିରେ ସ୍ୱାକ୍ଷରଦେବାପାଇଁ ରାଜି ହେଲେନାହିଁ । ଆଇନଷ୍ଟାଇନ୍ ବଡ଼ ସ୍ୱାଧୀନଚେତା ଲୋକ ଥିଲେ । ଅନ୍ୟ କାହାର ମତରେ ସେ ସହଜରେ ପ୍ରଭାବିତ ହୁଅନ୍ତିନାହିଁ । ସେ ଅନ୍ୟକୁ ସହଜରେ ପ୍ରଭାବିତ କରିପାରନ୍ତି; କିନ୍ତୁ କୌଣସି ଘଟଣାରେ କେହି ତାଙ୍କୁ ପ୍ରଭାବିତ କରିଥିବା ଉଦାହରଣ ଖୁବ୍ ବିରଳ ।

ପ୍ରଥମ ମହାଯୁଦ୍ଧରେ ଶାନ୍ତି ସ୍ଥାପିତ ହେଲା । ଜର୍ମାନୀ ପ୍ରଥମ ମହାଯୁଦ୍ଧରେ ପରାସ୍ତ ହେଲା । ଏ ଯୁଦ୍ଧପରେ ଆଇନଷ୍ଟାଇନ୍‌ଙ୍କୁ ଖ୍ୟାତି ସବୁ ଉଙ୍କିମାରି ଆସିଲା । ସେ ଜର୍ମାନୀର ଜଣେ ବୈଜ୍ଞାନିକଭାବରେ

ଫ୍ରାନ୍‌ସ ବୁଲିଗଲେ । ଜର୍ମାନୀ ଓ ଫ୍ରାନ୍‌ସର ଆଜନ୍ମ ଶତ୍ରୁତା ଥିଲେ ମଧ୍ଯ ଆଇନ୍‌ଷ୍ଟାଇନ୍ ଫ୍ରାନ୍‌ସ ଜନସାଧାରଣଙ୍କର ମଧ୍ଯ ପ୍ରିୟ ଥିଲେ । ସେ ଯୁଦ୍ଧର ପକ୍ଷପାତୀ ନ ଥିଲେ ।

ଆଇନ୍‌ଷ୍ଟାଇନ୍‌ଙ୍କର ତଥ୍ୟଗୁଡ଼ିକ ଯୁକ୍ତରାଷ୍ଟ୍ର, ଇଂଲଣ୍ଡ, ଫ୍ରାନ୍‌ସ, ଚୀନ, ଜାପାନ ପ୍ରଭୃତି ଦୂର ଦୂର ଦେଶମାନଙ୍କରେ ମଧ୍ଯ ପ୍ରଚାରିତ ହୋଇଥିଲା । ସେଠାରେ ଲୋକେ ତାଙ୍କୁ ଦେଖିବାକୁ ଓ ତାଙ୍କଠାରୁ ଏ ସମ୍ପର୍କରେ ଭାଷଣ—ଶୁଣିବାକୁ ଇଚ୍ଛା କରୁଥିଲେ । ଆଇନଷ୍ଟାଇନ୍ ଜଣେ ବଡ଼ ବକ୍ତା ଥିଲେ । ତାଙ୍କର ମଧୁର ସ୍ୱର ଓ ଓଜସ୍ୱିନୀ ଭାଷାରେ ସେ ଶ୍ରୋତୃମଣ୍ଡଳୀକୁ ମୁଗ୍‌ଧ କରିଦେଉଥିଲେ । ଏହି ସମୟରେ ସେ ଯୁକ୍ତରାଷ୍ଟ୍ର ଯାଇଥିଲେ । ଯୁକ୍ତରାଷ୍ଟ୍ରରେ ଭିନ୍ନ ଭିନ୍ନ ସ୍ଥାନରେ ତାଙ୍କୁ ଅଭିନନ୍ଦନ କରାଯାଇଥିଲା । ସେ ସବୁଠାରେ ନିଜ ବୈଜ୍ଞାନିକ ତଥ୍ୟର ଆଲୋଚନା କରି ମଧ୍ଯ ବକ୍ତୃତା ଦେଇଥିଲେ ।

ଇଂଲଣ୍ଡ ପ୍ରଭୃତି ଦେଶ ସଙ୍ଗେ ଜର୍ମାନୀର ଶତ୍ରୁତା ଥିଲେ ମଧ୍ଯ ଆଇନଷ୍ଟାଇନ୍‌ଙ୍କ ପାଇଁ ସମସ୍ତେ ଓ ସବୁଦେଶ ଆପଣାର । ସେ ଯୁକ୍ତରାଷ୍ଟ୍ରରୁ ଫେରି ଇଂଲଣ୍ଡ ଯାଇଥିଲେ । ଖାଲି ଇଉରୋପ ଓ ଆମେରିକା ନୁହେଁ, ସୁଦୂର ଏସିଆ ମହାଦେଶର ଚୀନ, ଜାପାନ ଓ ପାଲେଷ୍ଟାଇନ୍ ଦେଶମାନ ପରିଭ୍ରମଣ କରି ସେ ଦେଶକୁ ଫେରି ଆସିଥିଲେ ।

ସେ ପ୍ରଥମେ ଜଣେ ସୁନ୍ଦରୀ ମହିଳାଙ୍କୁ ବିବାହ କରିଥିଲେ; କିନ୍ତୁ କେତେକ ବର୍ଷପରେ ତାଙ୍କ ସଙ୍ଗେ ମନୋମାଳିନ୍ୟ ହେବାରୁ ସେ ଇଉରୋପୀୟ ବିବାହ ନିୟମ ଅନୁସାରେ ଆଉ ଜଣେ ମହିଳାଙ୍କୁ ବିବାହ କଲେ ।

———

# ନୋବେଲ ପ୍ରାଇଜ୍ ପାଇଲେ

ଆଇନ୍‌ଷ୍ଟାଇନ୍ ବଡ଼ ସରଳ ଥିଲେ । ସେ ନିଜର ଯଶ ପ୍ରଚାର କେତେବେଳେ ହେଲେ ଚାହୁଁ ନ ଥିଲେ । ତାଙ୍କୁ କେହି ସମାଲୋଚନା କଲେ, ସେ ତାହା ଧୀର ସ୍ଥିର ଭାବରେ ଶୁଣୁଥିଲେ । ଅନେକ ସ୍ଥାନରୁ ପ୍ରଶଂସା, ଖ୍ୟାତି, ମାନସମ୍ମାନ ତାଙ୍କୁ ମିଳୁଥିଲା । ଏଗୁଡ଼ିକ ଅତି ସାଧାରଣ ଜିନିଷ ବୋଲି ସେ ମନେ କରୁଥିଲେ । ସେଥିପାଇଁ ସେ ମାନସମ୍ମାନରେ, ଖ୍ୟାତି ପ୍ରଶଂସାରେ ବିଶେଷ ଆନନ୍ଦିତ ବା ଆଗ୍ରାହାନ୍ୱିତ ହେଉ ନ ଥିଲେ ।

ସବୁବେଳେ ନୀରବ ଭାବରେ ସେ ମୁନି ଋଷିଙ୍କ ପରି ସାଧନାରେ ନିରତ ରହୁଥିଲେ । ଜଗତର ମାନବ ସମାଜର କଲ୍ୟାଣରେ ପରିଶ୍ରମ ବ୍ୟୟିତ ହେଲେ, ସେ ତାହାକୁ ସବୁଠାରୁ ଶ୍ରେୟସ୍କର ବୋଲି ମନେ କରୁଥିଲେ ଓ ସେହିପ୍ରକାର ଉଦ୍ୟମରେ ସେ ବରାବର ଲାଗି ରହିଥିଲେ । ଅଧ୍ୟୟନ, ଆଲୋଚନା ଓ ଗବେଷଣା ତାଙ୍କର ନିତ୍ୟନୈମିତ୍ତିକ କାର୍ଯ୍ୟ ହେଲା ।

ଆଇନଷ୍ଟାଇନ ପ୍ରଥମେ ସାପେକ୍ଷତାର ସିଦ୍ଧାନ୍ତ ତଥ୍ୟ ଆବିଷ୍କାର କରିଥିଲେ । ସେ ତଥ୍ୟ ପ୍ରକାଶିତ ହେବାପରେ 'ସାଧାରଣ ସାପେକ୍ଷତା' ସମ୍ବନ୍ଧରେ ଗବେଷଣା କାର୍ଯ୍ୟରେ ଲାଗି ରହିଥିଲେ । ୧୯୧୬ ମସିହାରେ ଏ ଦ୍ୱିତୀୟ ତତ୍ତ୍ୱ ପୃଥିବୀର ବୈଜ୍ଞାନିକମାନଙ୍କର ହସ୍ତଗତ ହେଲା । ଏହାପରେ ସେ ଆଉ ଗୋଟିଏ ତଥ୍ୟର ଗବେଷଣାରେ ଲାଗିଲେ । ଏ ତୃତୀୟ ତଥ୍ୟଟି ହେଉଛି 'ଫଟୋ ଇଲେକ୍‌ଟ୍ରିକ୍ ତଥ୍ୟ' । ଏ ତଥ୍ୟଟି ସେ ପ୍ରକାଶ କରିବାପରେ ସମଗ୍ର ବୈଜ୍ଞାନିକମଣ୍ଡଳୀରେ ଏକ ନୂଆ ପ୍ରେରଣା

ଖୋଲିଗଲା । ଏହାଦ୍ୱାରା ଆହୁରି କେତେଗୁଡ଼ିଏ ତଥ୍ୟ ଆବିଷ୍କୃତ ହେବାପାଇଁ ମଧ୍ୟ ମାର୍ଗ ଖୋଲିଗଲା ।

ଏହି ତଥ୍ୟ ଫଳରେ ସମଗ୍ର ମାନବ ସମାଜର ବିଶେଷ ଉପକାର ହେଲା । ଆଜିକାଲି ଦୂର ଦେଶମାନଙ୍କରୁ ଆମ ଦେଶକୁ ଫଟୋ ରେଡ଼ିଓ ଦ୍ୱାରା ଆସି ଯାଉଛି । ଅନ୍ୟ କୌଣସି ଜିନିଷର ସାହାଯ୍ୟ ନ ନେଇ ଦରକାର ଅନୁସାରେ ଦୁଆର ଖୋଲିବା ଏବଂ ବନ୍ଦ ହେବା କାମ ହୋଇ ପାରୁଛି । ବିଶେଷତଃ ବଣିକମାନଙ୍କ ପକ୍ଷରେ ଏହା ସବୁଠାରୁ ଦରକାରୀ ଜିନିସ । ମୁଦ୍ରାଶାଳାମାନଙ୍କୁ ଏ ଯନ୍ତ୍ରଦ୍ୱାରା ରକ୍ଷା କରାଯାଉଛି । 'ବରଗ୍ଲାର ଆଲାରମ' ବୋଲି ଗୋଟିଏ ଘଣ୍ଟି ଅଛି । ତା ଉପରେ ମଣିଷର ଛାଇ ପଡ଼ିବାମାତ୍ରେ ସେ ଗର୍ଜି ଉଠିବ । ଗୋଟିଏ ସ୍ଥାନ ଦେଇ କେତୋଟି ଯାନବାହନ ଯାଇଛି, ତାହା ମଧ୍ୟ ଏ ଯନ୍ତ୍ରଦ୍ୱାରା ଜଣାପଡ଼ିବ । ଏହିପରି ଅଶେଷ ଉପାୟରେ ଏହା ମଣିଷର ଉପକାର କରୁଛି । ଏହି 'ଫଟୋ ଇଲେକ୍‌ଟ୍ରିକ୍' ତଥ୍ୟ ପ୍ରକାଶ କରିବା ଫଳରେ ଆଇନ୍‌ଷ୍ଟାଇନ୍ ନୋବେଲ ପ୍ରାଇଜ୍ ପାଇଥିଲେ ।

ନୋବେଲ ପ୍ରାଇଜର କର୍ମକର୍ତ୍ତାମାନେ ତାଙ୍କୁ ସୁଇଡ଼େନକୁ ଡାକିଲେ । ସୁଇଡ଼େନରେ ଏ ପ୍ରାଇଜ ଦିଆଯିବା ପାଇଁ ୧୯୨୧ ମସିହାରେ ବିରାଟ ଉତ୍ସବ କରାଗଲା । ଏ ଉତ୍ସବ ପରେ ତାଙ୍କୁ ନୋବେଲଙ୍କ ଚିତ୍ରସହ ଗୋଟିଏ ସ୍ୱର୍ଣ୍ଣପଦକ ମିଳିଲା । ସମଗ୍ର ମାନବ ସମାଜର ସେ ବିଜ୍ଞାନଗୁରୁ ବୋଲି ମନୋନୀତ ହେଲେ । ବିଜ୍ଞାନ ଜଗତରେ ସେ ଜଣେ ପୁରୋଧା ହେଲେ ।

# ଜର୍ମାନୀ ତ୍ୟାଗ

୧୯୨୧ ମସିହା ବେଳକୁ ଆଇନଷ୍ଟାଇନ୍‌ଙ୍କର ସୁନାମ ଚାରିଆଡ଼େ ପ୍ରଚାରିତ ହୋଇସାଇଥିଲା । ତାଙ୍କ ଆବିଷ୍କୃତ ତଥ୍ୟ-ଗୁଡ଼ିକ ଭିନ୍ନ ଭିନ୍ନ ଦେଶରେ ପରୀକ୍ଷା ଚାଲିଥିଲା । ଜର୍ମାନୀ ସେତେବେଳେ ପ୍ରଥମ ବିଶ୍ୱମହାଯୁଦ୍ଧରେ ପରାସ୍ତ ହୋଇସାଇଥାଏ । ଜର୍ମାନୀ ଜାତିର ବଳ ଭାଙ୍ଗି ପଡ଼ିଥାଏ; କିନ୍ତୁ ଆଇନ୍‌ଷ୍ଟାଇନଙ୍କର ଗୁଣ ପୃଥିବୀର ଚାରିଆଡେ଼ ପୂର୍ବପରି ଲୋକମାନେ ଗୁଣି ହେଉଥାନ୍ତି ।

ଇହୁଦୀମାନଙ୍କୁ ଜର୍ମାନୀ ଲୋକେ ଘୃଣା ଚକ୍ଷୁରେ ଦେଖନ୍ତି ।

ଆଇନ୍‌ଷ୍ଟାଇନ୍ ଜଣେ ଇହୁଦୀ, ତେଣୁ ପ୍ରଥମେ ପ୍ରଥମେ ତାଙ୍କ ପ୍ରତି ଯେପରି ଖାତିର ଥିଲା, ସେ ଖାତିର କମି ଆସୁଥିଲା । ତାଙ୍କୁ ଲୋକେ ଯେପରି ପ୍ରଶଂସା ନ କରିବେ, ସେଥିପାଇଁ ତାଙ୍କର ତଥ୍ୟ-ଗୁଡ଼ିକର କଟୁ ସମାଲୋଚନା ଭିନ୍ନ ଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଉଥିଲା । ଅନେକ ସ୍ଥାନରେ ତାଙ୍କ ବିରୁଦ୍ଧରେ ପ୍ରଚାରପତ୍ର ମରା ଯାଇଥିଲା ଓ ଲୋକଙ୍କ ଭିତରେ ମଧ୍ୟ ବଣ୍ଟାଯାଉଥିଲା । ଜର୍ମାନ ଲୋକେ ତାଙ୍କୁ ଇହୁଦୀ ବୋଲି ଜାଣି ଆଉ ଖାତିର କରୁ ନ ଥିଲେ । ତାଙ୍କ ଖ୍ୟାତିକୁ ନଷ୍ଟ କରିବାରେ ଜର୍ମାନମାନେ କେବଳ ଜର୍ମାନୀରେ ସଫଳ ହେଲେ ସିନା, ବିଦେଶରେ ସଫଳ ହେବା ସହଜ ହେଲା ନାହିଁ ।

ଥରେ ଗୋଟିଏ ସଭା ହେଉଥାଏ । ଜର୍ମାନୀର ବଡ଼ ବଡ଼ ନେତାମାନେ ସଭାରେ ଯୋଗ ଦେଇଥାନ୍ତି । ଖାଲି ଆଇନଷ୍ଟାଇନଙ୍କୁ ସମାଲୋଚନା କରିବା ପାଇଁ ଏ ସଭା ଡକାଯାଇଥାଏ । ଦୁଇ ଜଣ ବଡ଼ ଜର୍ମାନ ଅଧ୍ୟାପକ ସମାଲୋଚନା କରିବାପାଇଁ ଆସିଥାନ୍ତି । ଆଇନ୍‌ଷ୍ଟାଇନ୍ ସବୁ କଥା ଜାଣିଥାନ୍ତି । ସେ ତ ବଡ଼ ନିର୍ଭୀକ ।

ସମାଲୋଚନାକୁ ସେ ଭୟ କରିବା ଲୋକ ନୁହନ୍ତି । ସେ ସେଦିନ ଆସି ସଭାରେ ହାଜର ହେଲେ । ତାଙ୍କର ପରିଚିତ ଅପରିଚିତ କେତେ ବନ୍ଧୁ ମଧ୍ୟ ସେ ସଭାରେ ଯୋଗ ଦେଇଥିଲେ । ତାଙ୍କୁ ତ ସମସ୍ତେ ଚିହ୍ନନ୍ତି । ସମାଲୋଚନା ହେଲା । କିଏ କେତେ ପ୍ରକାର କହିଲେ । ସେ ଧୀର ସ୍ଥିର ଭାବରେ ସବୁ ଶୁଣି ଫେରିଲେ । ତାଙ୍କର କାହା ପ୍ରତି ଘୃଣା ବା ବିଦ୍ୱେଷ ଟିକେମାତ୍ର ନ ଥିଲା ।

ଏହାର କେତେ ବର୍ଷ ପରେ ହିଟଲର ଆସିଲେ । ସେ ଜର୍ମାନୀର ଭାଗ୍ୟବିଧାତା ହେଲେ । ତାଙ୍କ ନିର୍ଦ୍ଦେଶରେ ସମଗ୍ର ଜର୍ମାନୀ ରାଜ୍ୟ ଚଳିଲା । ହିଟଲର୍ ଇହୁଦୀମାନଙ୍କର ଭାରି ବିରୋଧୀ ଥିଲେ । ସେତେବେଳେ ଆଉ ଜର୍ମାନୀରେ ରହିବା ଆଇନଷ୍ଟାଇନଙ୍କ ପକ୍ଷରେ ସହଜ ହେଲାନାହିଁ । ସେ ଜର୍ମାନୀ ରାଜ୍ୟ ଛାଡ଼ି ଆମେରିକା ଯିବାପାଇଁ ଠିକ୍‌କଲେ । ସେ ଜର୍ମାନୀର ବିଜ୍ଞାନ ପରିଷଦରୁ ଇସ୍ତଫା ଦେଇ ୧୯୩୩ ମସିହାରେ ଜର୍ମାନୀ ଛାଡ଼ିଲେ । ଏହାପରେ ପ୍ରିନ୍‌ଷ୍ଟନଠାରେ ସେ ଅଧ୍ୟାପକ ହୋଇଥିଲେ ।

---

## ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ

ପ୍ରିନ୍‌ଷ୍ଟନ ସହରକୁ ଆସି ସେ ଟିକିଏ ଶାନ୍ତ ବାୟୁମଣ୍ଡଳ ପାଇଲେ । ଲୋକେ ସେଠାରେ ତାଙ୍କୁ ଭାରି ସମ୍ମାନ ଦେଖାଇଲେ । ତାଙ୍କର ଗବେଷଣା କାର୍ଯ୍ୟ ବଡ଼ ସୁରୁଖୁରୁରେ ଚାଲିଲା । ଏ ସତ୍ୟ ଗୁଡ଼ିକ ପ୍ରକାଶ କରିବାପରେ ମଧ୍ୟ ସେ ଆଉ ନୂତନ ତଥ୍ୟ ଆଲୋଚନାରେ ସମୟ ଅତିବାହିତ କରିବାକୁ ଲାଗିଥିଲେ । ଏହା ପରେ ପ୍ରାୟ ୨୨ ବର୍ଷ କାଳ ପରିଶ୍ରମ କରି ସେ ଆଉ ଗୋଟିଏ ତଥ୍ୟ ପାଇଲେ ।

୧୯୪୯ ମସିହାରେ ଆଇନ୍‌ଷ୍ଟାଇନ୍‌ଙ୍କର ଏକ ନୂତନ ତତ୍ତ୍ୱ ପ୍ରକାଶ ପାଇଲା । ଏ ତଥ୍ୟ କେତେଜଣଙ୍କର ମିଳିତ ଉଦ୍ୟମରେ ଆବିଷ୍କୃତ ହେଲା; କିନ୍ତୁ ଆଇନ୍‌ଷ୍ଟାଇନ୍‌ଙ୍କର ଏଥିପାଇଁ ଦାନ ସବୁଠାରୁ ବେଶୀ । ପ୍ଲାଙ୍କ୍, ଡ଼ିବ୍ରୋଗ୍‌ଲି, ସ୍କ୍ରିଡ଼ିଙ୍ଗରେ ହ୍ୱାଇଜେନ୍‌ବର୍ଗ, ଡାଇରାକ୍, ପାଉଲି ଓ ବୋର୍ ଏମାନେ ଏ ଯୁଗର ଜଣେ ଜଣେ ପ୍ରଧାନ ବୈଜ୍ଞାନିକ । ଏହି ବୈଜ୍ଞାନିକମାନେ ନାନା କ୍ଷେତ୍ରରେ ବିଜ୍ଞାନରେ ପାରଦର୍ଶିତା ଦେଖାଇ ନୋବେଲ ପ୍ରାଇଜ୍ ପାଇଛନ୍ତି । ଆଇନ୍‌ଷ୍ଟାଇନଙ୍କର ପ୍ରଚେଷ୍ଟା ଫଳରେ 'କ୍ୱାଣ୍ଟମ୍ ଥିଓରି' ବୋଲି ଗୋଟିଏ ତଥ୍ୟ ପ୍ରକାଶ ପାଇଲା । ତାହାରି ଯୋଗୁଁ ଆଟମ୍ ତତ୍ତ୍ୱ ସଫଳ ହୋଇପାରିଲା । ଆଟମ୍‌ବୋମ୍‌ର ଆବିଷ୍କାର ମୂଳରେ ଆଇନ୍‌ଷ୍ଟାଇନ୍‌ଙ୍କର ମଧ୍ୟ ଅନେକ ପରିଶ୍ରମ ଅଛି ବୋଲି ସମସ୍ତେ ବିଶ୍ୱାସ କଲେ ।

ଆଇନ୍‌ଷ୍ଟାଇନ୍ ଅନେକ ବହି ଲେଖିଛନ୍ତି । ତାଙ୍କର ଅଧିକାଂଶ ବହି ବିଜ୍ଞାନ ସମ୍ବନ୍ଧରେ ଲେଖା; କିନ୍ତୁ ତାଙ୍କର ସାରା ଜୀବନ ସେ ଖାଲି ଏହି କାମରେ ଖଟାଇ ନାହାନ୍ତି । ସେ ଜଣେ ବଡ଼ ଆଦର୍ଶବାଦୀ । ସେ କହନ୍ତି—ସମଗ୍ର ପୃଥିବୀରେ ଶାନ୍ତିପାଇଁ ସବୁ ଦେଶ ଚେଷ୍ଟା କରିବା ଉଚିତ । ଭିନ୍ନ ଭିନ୍ନ ଦେଶରେ ମତ ଭିନ୍ନ ଭିନ୍ନ; ତେଣୁ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପଡ଼ୁଛି । ଏ ଯୁଦ୍ଧକୁ ପୃଥିବୀ ପୃଷ୍ଠରୁ ଲୋପ କରିଦେବା ଉଚିତ । ମାନବ ସଭ୍ୟତାର ଉନ୍ନତି ପାଇଁ ବୈଜ୍ଞାନିକମାନେ ନାନାପ୍ରକାର ଜିନିସ ଉଦ୍ଭାବନ କରିବା ଦରକାର; ତେଣୁ ପୃଥିବୀରେ ବୈଜ୍ଞାନିକମାନଙ୍କର କାର୍ଯ୍ୟ ପ୍ରଭୂତ । ବୈଜ୍ଞାନିକ ଚିନ୍ତାଧାରାକୁ ମାନବ ଜୀବନର କ୍ଷୟ ଦୃଷ୍ଟିରେ ନ ଲଗାଇ, ସଭ୍ୟତାର ଅଭିବୃଦ୍ଧିରେ ଲଗାଇବା ଉଚିତ ।

ସେ ସମଗ୍ର ପୃଥିବୀରେ ଯୁଦ୍ଧଲୋପପାଇଁ ଏକ ବ୍ୟବସ୍ଥା ଦେଇଥିଲେ । ବିଶ୍ୱ ସରକାର ପ୍ରତିଷ୍ଠା ଫଳରେ ବିଶ୍ୱରେ ଶାନ୍ତି ନିଶ୍ଚୟ ଆସିବ ବୋଲି ତାଙ୍କର ବିଶ୍ୱାସ ଥିଲା । ଆମେରିକା, ଋଷିଆ, ଇଂଲଣ୍ଡ ପ୍ରଭୃତି ପୃଥିବୀର ନେତୃସ୍ଥାନୀୟ ଦେଶର ନେତାମାନେ ଏକାଠି ହୋଇ ଏ ବିଷୟରେ ବିଚାର କରିବା ପାଇଁ, ସେ ମତ ଦେଇଥିଲେ । ଯାହାର ଯାହା ମତି, ସେ ଖୋଲଖୋଲି ଭାବରେ କହିଦେବା ଉଚିତ । ପରସ୍ପରକୁ ଉତ୍ତମ ରୂପେ ଚିହ୍ନିଲେ ଆଉ ଶତ୍ରୁତା ରହିବନାହିଁ । ଏ ସମ୍ପର୍କରେ ପୃଥିବୀର ବଡ଼ ବଡ଼ ନେତାମାନଙ୍କ ମଧ୍ୟରେ କେତେଥର ଆଲୋଚନା ହୋଇଯାଇଛି । ଋଷିଆ ଦେଶର ନେତାମାନେ ମଧ୍ୟ ତାଙ୍କର ଏ ପ୍ରସ୍ତାବ ବିଷୟରେ କେତେକ ଭଲ ମତ ଦେଇଛନ୍ତି ।

ଆଇନଷ୍ଟାଇନ୍ ଗାନ୍ଧିବାଦୀ ନୁହନ୍ତି; କିନ୍ତୁ ମହାତ୍ମା ଗାନ୍ଧିଙ୍କୁ ସେ ଖୁବ୍ ଖାତିର କରନ୍ତି । ତାଙ୍କର ବଡ଼ ବଡ଼ ବହିରେ ସେ ମହାତ୍ମା ଗାନ୍ଧିଙ୍କ ବିଷୟରେ ମଧ୍ୟ ଲେଖିଛନ୍ତି । ଭାରତ ସ୍ୱାଧୀନତା ପ୍ରାପ୍ତିରେ ମହାତ୍ମା ଗାନ୍ଧି ଯେଉଁ ଅଶ୍ରୁତପୂର୍ବ ଉଦାହରଣ ଦେଖାଇ-ଛନ୍ତି, ସେ ସେଥିପାଇଁ ତାଙ୍କୁ ବଡ଼ ପ୍ରଶଂସା କରନ୍ତି । ଭାରତ ଜବାହରଲାଲଙ୍କ ନେତୃତ୍ୱରେ ଯେପରି ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠାପାଇଁ ଲାଗିପଡ଼ିଥିଲା, ଆଇନଷ୍ଟାଇନ୍ ଭାରତର ସେ କାର୍ଯ୍ୟକୁ ପ୍ରଶଂସା କରୁଥିଲେ ।

———

# ଆଦର୍ଶ ମାନବ ଆଇନ୍‌ଷ୍ଟାଇନ୍

ଆଇନ୍‌ଷ୍ଟାଇନ୍ ଥରେ କହିଥିଲେ—"ମୁଁ ନିଜକୁ ଜଣେ ପଦାର୍ଥବୈଜ୍ଞାନିକ ରୂପେ ପରିଚୟ ଦେବା ଅପେକ୍ଷା ଦାର୍ଶନିକ ବୋଲି ପରିଚୟ ଦେବାକୁ ପସନ୍ଦକରେ।" ପୁଣି ସେ କହିଛନ୍ତି, 'ଜୀବନର କୌତୂହଳ ସବୁଠୁ ଉପଭୋଗ୍ୟ ବସ୍ତୁ........ଏହି କୌତୂହଳୋଦ୍ଦୀପକ ସୂକ୍ଷ୍ମ ଦୃଷ୍ଟି ଧର୍ମର ଉତ୍ପାଦକ।'

ସେ ନୀରବତାକୁ ସବୁଠାରୁ ଭଲ ପାଆନ୍ତି। ତାଙ୍କ ମତରେ ଆଦର୍ଶଜୀବନ ହେଉଛି—ବାହ୍ୟ ସଂସାରଠାରୁ ପୃଥକ୍ ରହି ଜୀବନର ପ୍ରତ୍ୟେକ ମୁହୂର୍ତ୍ତ କର୍ମମୟ କରି ଗଢ଼ିବା। ଆଇନ୍‌ଷ୍ଟାଇନ୍ ବଡ଼ ଗମ୍ଭୀର। ତାଙ୍କ ଚକ୍ଷୁରେ ଆକର୍ଷଣୀ ଶକ୍ତି ଥିଲା। କୌଣସି ଲୋକକୁ କିପରି ପ୍ରଭାବିତ କରାଯାଇପାରିବ; ସେ ତାହା ଭଲରୂପେ ଜାଣିଥିଲେ। ତାଙ୍କର ପ୍ରଶାନ୍ତ ଉଜ୍ଜ୍ୱଳ ମୁଖମଣ୍ଡଳ ଯେ କୌଣସି ଅବସ୍ଥାରେ ଯେ କୌଣସି ଲୋକକୁ ଆକର୍ଷଣ କରିପକାଏ।

ଏଯୁଗରେ ତାଙ୍କ ପରି ଲୋକ ବିରଳ। ପୁଣି ପାଶ୍ଚାତ୍ୟ ଜଗତରେ ଆଇନ୍‌ଷ୍ଟାଇନଙ୍କ ପରି ଜଣେ ଲୋକ ଥିବେ କି ନାହିଁ ସନ୍ଦେହ। ସରଳ, ନିରଳସ, ନିରାଡ଼ମ୍ବର ଭାବରେ ସେ ଜୀବନ-ଯାତ୍ରା ନିର୍ବାହ କରୁଥିଲେ। ସେ କେବେହେଲେ ନାପିତର ଦ୍ୱାରସ୍ଥ ହୋଇ ନାହାନ୍ତି। ସାହେବମାନଙ୍କ ପରି ସେ ଗଳାରେ କେବେ ଗଳାବନ୍ଧା ବାନ୍ଧନ୍ତି ନାହିଁ, କି ମୋଜା ବ୍ୟବହାର କରନ୍ତି ନାହିଁ। ପୃଥିବୀର ଅତି କ୍ଷୁଦ୍ର ଘଟଣାଗୁଡ଼ିକଠାରୁ ସବୁବେଳେ ସେ ଦୂରରେ ରହିବାକୁ ତାଙ୍କୁ ଭଲଲାଗେ। ଜୀବନରେ ଯେଉଁ ଜିନିସଗୁଡ଼ିକ ଅତି ଦରକାରୀ ବୋଲି ଲୋକେ ମନେ କରନ୍ତି, ସେଗୁଡ଼ିକ ପ୍ରତି ସେ ଆଦୌ ଖାତିର କରୁ ନ ଥିଲେ। ବିଳାସବ୍ୟସନ ଲାଳସା ତାଙ୍କର ଆଦୌ ନ ଥିଲା କି ସେ ସ୍ୱାର୍ଥପର ନ ଥିଲେ। ସବୁବେଳେ

ପ୍ରକୃତିର ଚିରନ୍ତନ ସତ୍ୟ ଅନୁସନ୍ଧାନରେ ବ୍ରତୀ ରହି ସେ ସମସ୍ତ ଅତିବାହିତ କରୁଥିଲେ । ଜଗତରେ କେହି ଚିରଦିନ ବଞ୍ଚେ ନାହିଁ । ଜୀବନ ସିନା ଚିର ନୁହେଁ, ଜୀବନର ମହତ୍ କାର୍ଯ୍ୟଗୁଡ଼ିକ ଚିର ହୋଇ ପୃଥିବୀରେ ରହିଯାଏ ଏବଂ ମଣିଷକୁ ଅମର କରି ରଖେ । ଆଇନ୍‌ଷ୍ଟାଇନ୍ ଭାରି ବୁଢ଼ା ହୋଇ ଯାଇଥିଲେ । ସେପର୍ଯ୍ୟନ୍ତ ସେ ମାନବସମାଜର କଲ୍ୟାଣ କାର୍ଯ୍ୟରେ ଲାଗି ରହିଥିଲେ । ଯୁଦ୍ଧ ବିଗ୍ରହ ବେଳେ ବଡ଼ ବଡ଼ ଲୋକେ ମଧ୍ୟ ତାଙ୍କର ପଦେ କଥାକୁ ଚାହିଁ ରହୁଥିଲେ ।

ଆଜି ଆଇନ୍‌ଷ୍ଟାଇନ ଆଉ ଇହଜଗତରେ ନାହାନ୍ତି । ଆଜକୁ ବର୍ଷେ ହେବ ସେ ଏ ମରଧାମରୁ ଅମରଧାମକୁ ଚାଲିଗଲେଣି । କେତେକ ରାଜମାତଙ୍କ ଆମେରିକା ଦେଶରେ ଜନ୍ମହୋଇ ଆମେରିକା ପରି ମହାଦେଶକୁ ଚଳେଇଛନ୍ତି; କିନ୍ତୁ ସେମାନେ ମରିଯିବାପରେ ତାଙ୍କୁ ବେଶୀ ଲୋକ ମନେ ରଖନ୍ତିନାହିଁ; ମାତ୍ର ଆଇନ୍‌ଷ୍ଟାଇନ୍ ଆମେରିକାରେ ଖାଲି ନୁହନ୍ତି, ପୃଥିବୀରେ ସବୁ ଦେଶରେ ପୂଜା ପାଉଥିଲେ ଏବଂ ସେ ଖାଲି ଏ ଯୁଗରେ ନୁହେଁ, ସବୁ ଯୁଗରେ ମଧ୍ୟ ଏହିପରି ପୂଜା ପାଉଥିବେ ।

— — —

ମୁଦ୍ରାକର—ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର, ପ୍ରସାଦ ପ୍ରେସ, କଟକ-୨

